# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୩ ଡିସେମ୍ବର, ୨୦୧୮ ଗୁରୁବାର




## ପାହାଡ଼ ପ୍ରାକୃତିକ ସମ୍ପଦ ଓ ଜୈବ ବିବିଧତାର ଗନ୍ତାଘର

**ଅନୁଗୁଳ ,୧୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ପାହାଡ ଆଦିମ ସଭ୍ୟତାର ଆଦିଭୂମି ହୋଇଥିବା ବେଳେ ସଂସ୍କୃତି, ଆଧ୍ୟାତ୍ମିକ, ପ୍ରକୃତି, ପରିବେଶ ସହିତ ବାସସ୍ଥଳୀ, ବନୌଷଧୀ, କୃଷି, ଖାଦ୍ୟ ଓ ଜଳର ପ୍ରାକୃତିକ ଅଫୁରନ୍ତ ଉତ୍ସ। ପାହାଡ ପ୍ରାକୃତିକ ସମ୍ପଦ ଓ ଜୈବ ବିବିଧତାର ଗନ୍ତାଘର ହୋଇଥିବା ବେଳେ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟର ସୁରକ୍ଷା ପାଇଁ ମାନବ ସମାଜ ସଚେତନ ହେବା ଆବଶ୍ୟକ ବୋଲି ଆନ୍ତର୍ଜାତୀୟ ପର୍ବତ ଦିବସ ପାଳନ ଅବସରରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ପ୍ରକୃତି ପରିବେଶ ଓ ବନ୍ୟ ଜୀବନ ସମିତି ଉଦ୍ୟମରେ ଅନୁଗୁଳର ନେଚର ହାଉସ ଠାରେ ଆନ୍ତର୍ଜାତୀୟ ପର୍ବତ ଦିବସ ପାଳନ କରାଯାଇଅଛି । ଏହି ଅବସରରେ ଅନୁଷ୍ଠିତ ସଚେତନା ବୈଠକରେ ନିୟୁଜ ଅନୁଷ୍ଠାନର ମୁଖ୍ୟ ପ୍ରସନ୍ନ କୁମାର ବେହେରା ଅଧ୍ୟକ୍ଷତା କରିଥିବା ବେଳେ ଅମର କୁମାର ଦାସ, ବିଜୟ କୁମାର ଜେନା, କୋଠଭୂଇଁ ଜୈବବିବିଧତା ପରିଚାଳନା ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା ଅତିଥି ଭାବେ ଯୋଗ ଦେଇ ପାହାଡର ବିଭିନ୍ନ ଭୂମିକା, ଆସୁଥିବା ବିପଦ ଓ ପ୍ରତିକାର ସମ୍ବନ୍ଧରେ ଆଲୋଚନା କରିଥିଲେ। ବାବୀନ୍ଦ୍ର ନହରା, ପ୍ରଭାକର ସାସମଲ, ପ୍ରୀତି ନନ୍ଦା ସାହୁ, ମହେଶ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ପ୍ରିୟଓମା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିନା ସୂଚନା ଫଳକରେ ଚାଲିଛି ନିମ୍ନମାନର ରାସ୍ତା କାର୍ଯ୍ୟ : ଜନ ଅସନ୍ତୋଷ

**ହରିଚନ୍ଦନପୁର,୧୨।୧୨ (ହିସ)**

କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଗାନ୍ଧୀ ଛକ ଠାରୁ ସିଂହବିଲା ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗର ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ଚାଲିଥିବାକୁ ଜନ ଅସନ୍ତୋଷ ଦେଖାଦେଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୁତାବକ, ଉକ୍ତ ରାସ୍ତାଟି ଆଜକୁ ଅନେକ ବର୍ଷ ହେବ ଶୋଚନୀୟ ଅବସ୍ଥାରେ ପଡିରହିଥିଲା । ତାହାକୁ ନେଇ ଏ ଅଂଚଳର ଜନସାଧାରଣ ରାସ୍ତାଟିର ପୁନଃଉଦ୍ଧାର କିମ୍ବା ପ୍ରଶସ୍ତିକରଣ କରିବା ନିମନ୍ତେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆର୍କଷଣ କରିବା ସହ ନିବେଦନ କରିଥିଲେ । ଏହାକୁ ନେଇ ରାସ୍ତାଟିର ପୁନଃଉଦ୍ଧାର କରାଯିବା ନିମନ୍ତେ ପୂର୍ତ୍ତ ବିଭାଗ ତରଫରୁ ୮୫ ଲକ୍ଷ ଟଙ୍କା ଅନୁଦାନ ରାଶି ଆନନ୍ଦପୁର ଅଂଚଳର ଗୌତମ ସେଠୀ ନାମକ ଜଣେ ଠିକାଦାରଙ୍କୁ ଦିଆଯାଇଥିଲା । ଠିକାଦାର ଜଣକ କାମଟିକୁ ନିଜେ ହାତେଇବା ପରେ ପୂର୍ତ୍ତବିଭାଗର କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କ ସହ ସଲାସୁତରା କରି ମୋଟା ଅଙ୍କର ହାତଗୁଞ୍ଜା ଦେଇ ଅଧିକ ଲାଭ ପାଇବା ଆଶାରେ ନିମ୍ନମାନର କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି ।

ପ୍ରକାଶ ଯେ, ହରିଚନ୍ଦନପୁର ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ଯେନେ ତେନେ ପ୍ରକାରରେ ଶେଷ କରିବା ପରେ ସୂଚନା ଫଳକ ଲେଖାଯାଉଥିବା ନେଇ ଜନସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଉଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ କ୍ରମେ ଜନସାଧାରଣଙ୍କ ସୁବିଧା ନିମନ୍ତେ ବିଭିନ୍ନ ଯୋଜନା ମାଧ୍ୟମରେ ବହୁ ଅର୍ଥ ବିନିଯୋଗରେ ବିଭାଗୀୟ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ବିଜ୍ଞପ୍ତି ଜାରି କରାଯାଇଥାଏ । ଉକ୍ତ ନିର୍ମାଣ କାର୍ଯ୍ୟ ଗୁଡିକ ଆରମ୍ଭ ପୂର୍ବରୁ ପ୍ରଥମେ ଜନସାଧାରଣ ଜ୍ଞାତ ପାଇଁ ସୂଚନା ଫଳକ ଲଗାଇ ସେଥିରେ କାର୍ଯ୍ୟର ନାମ ଓ ଦୂରତା, ଠିକାଦାରଙ୍କ ନାମ, ଅଟକଳର ଅର୍ଥ ଏବଂ ବ୍ୟବହୃତ ପଦାର୍ଥର ମାନ ଉଲ୍ଲେଖ କରିବା ସହିତ ଆରମ୍ଭ ଓ ଶେଷ ତାରିଖ ଲେଖାଯିବାର ସରକାରୀ ନିୟମ ରହିଛି । କିନ୍ତୁ ସମସ୍ତ ନିୟମ କାନୁନକୁ ଅଣଦେଖା କରି ଅସାଧୁ ଉପାୟରେ ସହକାରୀ ଯନ୍ତ୍ରୀ, କନିଷ୍ଠଯନ୍ତ୍ରୀ ଏବଂ ଠିକାଦାରଙ୍କ ସଲାସୁତୁରାରେ ଉନ୍ନୟନମୂଳକ କାର୍ଯ୍ୟ କରାଯିବାକୁ ନେଇ ବିଭିନ୍ନ ସମୟରେ ପ୍ରତିବାଦ ହୋଇ ଆସୁଥିଲେ ମଧ ପ୍ରଶାସନ ଏହାକୁ କର୍ଣ୍ଣପାତ କରୁନଥିବା ଭଳି ଗୁରୁତର ଅଭିଯୋଗ ହେଉଛି । ଏଣୁ କେନ୍ଦୁଝର ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେଇ ଉକ୍ତ ରାସ୍ତା କାର୍ଯ୍ୟକୁ ଠିକ୍ ଭାବରେ କରାଇବାକୁ ଏ ଅଂଚଳର ସଚେତନ ନାଗରିକ ଓ ବୁଦ୍ଧିଜିବୀ ମହଲରେ ଦାବି ହୋଇଛି ।



ପୁରୀ ବେଳାଭୂମିର ପାଚେରି କାମ ଆଗେଇ ଚାଲିଛି



**କଥା କିଛି କାର୍ଟୁନ୍‌ଟିଏ**

**ହୀରାଲାଲ୍**

ବନବନା ଗଛ ମହକିଲା
ଯାଉଯାଉ ବାଟେ ତନୁ ପାତଳୀ
ଗଭା ମଲ୍ଲି ଫୁଲ ମହକିଲା ।

## ଧାରଣାକୁ ମାସେ ପୂରିଲା : ପହଞ୍ଚିଲା ନାହିଁ ପ୍ରଶାସନ

**କୋରେଇ,୧୨।୧୨ (ହିସ)**

ଯାଜପୁର ଜିଲ୍ଲାର ପାଣିକୋଇଲି ଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଗଣ ଧାରଣା ୩୦ ଦିନରେ ପହଂଚିଛି । ଧାରଣାକୁ ମାସେ ପୁରିଲା, ହେଲେ ଜିଲ୍ଲା ପ୍ରଶାସନ ଥରୁଟିଏ ବି ଧାରଣାକାରୀଙ୍କ ସହ ଆଲୋଚନା ତ ଦୂରର କଥା ତାଙ୍କ ନିକଟରେ ପହଂଚିବାକୁ ମନରେ ସାହାସ ସଂଚୟ କରିପାରିନି । ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳି ଘଟଣା ବିରଳ । ଏହା ଫଳରେ ଜନ ଅସନ୍ତୋଷ ତୀବ୍ର ରୂପ ନେବାକୁ ବସିଛି । ଯାହାର ପରିଣାମ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନକୁ ଭୋଗିବାକୁ ପଡିବ ବୋଲି ଚେତାବନୀ ଦେଇଛି ମେଡିକାଲ କ୍ରୀୟାନୁଷ୍ଠାନ କମିଟି ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅନୁଦାନରେ ଯାଜପୁର ଜିଲ୍ଲାରେ ପ୍ରତିଷ୍ଠା ହେବାକୁ ଥିବା ମେଡ଼ିକାଲ କଲେଜକୁ ପାଣିକୋଇଲି ଠାରେ ନିର୍ମାଣ କରିବା ଦାବି ନେଇ ମେଡ଼ିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ଗଣ ଧାରଣା ମାସ ଶେଷରେ ପହଂଚିଛି। ବିଜୁ ବାବୁଙ୍କ ସ୍ୱପ୍ନର ଯଯାତି ନଗରରେ ମେଡିକାଲ କଲେଜ କାହିଁକି ନହେବ ସେ ନେଇ ପ୍ରଶାସନର ନିରବତାକୁ ନିନ୍ଦା କରାଯାଇଥିଲା । ଉଭୟ ଭୌଗଳିକ ଓ ଗମନାଗମନ ଦୃଷ୍ଟିରୁ ପାଣିକୋଇଲି ଉକ୍ତ ମେଡ଼ିକାଲ କଲେଜ ନିମନ୍ତେ ସର୍ବୋତମ ସ୍ଥାନ ହୋଇଥିବା ବେଳେ ଏଠାରେ ଶହ ଶହ ଏକର ସରକାରୀ ଜମି ରହିଛି । ପାଣିକୋଇଲିରେ ମେଡିକାଲ କଲେଜ ଖୋଲିବାକୁ ଦାବି କରିବା ସହ ୧ମାସ ଧରି ଧାରଣା ଚାଲିଥିଲେ ବି ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନଥିବାରୁ ଅସନ୍ତୋଷ ବ୍ୟାପୁଛି ।

ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଆବାହକ ଧରଣୀଧର ଘଡାଇ, ଯୁଗ୍ମ ଆବାହକ ସୁବାସ ଧଳ, ସଦାଶିବ ଦାସ, କୃଷକ ନେତା ବଳରାମ ସାହୁ, ଡା. ନିର୍ମଳ ରଥ, ସନ୍ତୋଷ କୁମାର ବେହେରା, ମଧୁସୂଦନ ସାହୁ, ବରିଷ୍ଠ ନାଗରିକ ମଂଚ ସଭାପତି ନୃସିଂହ ଚରଣ ଦଳାଇ, ସମ୍ପାଦକ ସୁରେନ୍ଦ୍ର ରାୟ, ନିରଂଜନ ରାଉତ, ଜହର ଅଲ୍ଲୀ, ଅରୁପାନନ୍ଦ ମଲ୍ଲିକ, ତାରିଣୀ ପଟ୍ଟନାୟକ. ଗୋକୁଳାନନ୍ଦ ମହାରଣା, ବସନ୍ତ ବେହେରା, ବିପିନ ବିହାରୀ ଧଳ, ଆଲୋକ ପରିଡା, ଉପେନ୍ଦ୍ର ପାତ୍ର, ରାକେଶ ସାହୁ, ଇଂ ମାନସ ରାୟ, ନିମାଇଁ ମଲ୍ଲିକ, ପ୍ରତାପ ମଲ୍ଲିକ, ଡା.ସୁରେଶ ପଣ୍ଡା, ବଟକୃଷ୍ଣ ମହାପାତ୍ର, ଶଶିକାନ୍ତ ମଲ୍ଲିକ, ଶିବରାମ ପାତ୍ର, ରବିନ ଘଡାଇ, ପୂର୍ଣ୍ଣାନନ୍ଦ ପରିଡା, ରାମ ଚନ୍ଦ୍ର ମଲିକ, ରାମ ଚନ୍ଦ୍ର ମାଝୀ, ରତ୍ନାକର ପଣ୍ଡା, ସୁଦର୍ଶନ ସାମଲ, ମଧୁ ରାୟ, ପିତାମ୍ବର ନନ୍ଦ, ସୂର୍ଯ୍ୟମଣୀ ପଣ୍ଡା, ଗୋବିନ୍ଦ ଖଣ୍ଡାଇ, ଉତ୍ସବ ମହାରଣା, ବଟକୃଷ୍ଣ ସାହୁ, ବୈଷ୍ଣବ ସାହୁ, ଚନ୍ଦ୍ରମଣି ସ୍ୱାଇଁ, ଅନାମ ମହାପାତ୍ର, ବେଣୁଧର ଖଣ୍ଡାଇ ପ୍ରମୁଖଙ୍କ କାର୍ଯ୍ୟକ୍ରମରେ ଯୋଗଦେବା ସହ ପରିଚାଳନାରେ ସହଯୋଗ କରିଥିବା ବେଳେ ଶତାଧିକ ଲୋକ ଧାରଣାରେ ସାମିଲ ହୋଇଥିଲେ ।

## ୬ ଦଫା ଦାବି ନେଇ ଚାଷୀଙ୍କ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

**ଜୟପୁର,୧୨।୧୨ (ହିସ)**

୬ ଦଫା ଦାବି ନେଇ ଆଜି ଚାଷିଙ୍କ ପକ୍ଷରୁ ଜୟପୁର ଉପ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ପ୍ରଦାନ କରାଯାଇଛି । ନବ ନିର୍ମାଣ କୃଷକ ସଂଗଠନ ଓ କୃଷକ କଲ୍ୟାଣ ମଂଚ କୋରାପୁଟ ତରଫରୁ ଏହି ଧାରଣା ଓ ବିକ୍ଷୋଭ କରାଯାଇଥିବା ବେଳେ ଉପଜିଲାପାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି । ଏଦି ଦାବୀ ନେଇ ଗତ ୧୦ ଦିନ ହେବ ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଆମରଣ ଅନଶନରେ ବସିଛନ୍ତି । ତେଣୁ ସମୁହ ଚାଷୀଙ୍କ ମଙ୍ଗଳ ପାଇଁ ତୁରନ୍ତ ୬ ଦଫା ଦାବି ପୁରଣ କରାଯାଉ ।

ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପ୍ରଦାନ କରାଯାଉ, ଚାଷୀଙ୍କୁ ସାମାଜିକ ସୁରକ୍ଷା ଭତା ପ୍ରଦାନ ପାଇଁ ବାରମ୍ବାର ଦାବିପତ୍ର, ଅନଶନ, ବିକ୍ଷୋଭ ଆଦି କରାଯାଇଥିଲେ ସୁଦ୍ଧା ଏଯାଏଁ କୌଣସି ସୁଫଳ ମିଳିପାରିନାହିଁ । ଅନ୍ୟ ପ୍ରମୁଖ ଦାବିଗୁଡିକ ହେଲା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପ୍ରତି ୫ ହଜାର ଟଙ୍କା କେନ୍ଦ୍ର କରିବା ପର୍ଯ୍ୟନ୍ତ, ବିଧାନସଭାରେ ପାରିତ ଧାନର ସହାୟକ ମୂଲ୍ୟ ୨୯୩୦ ଟଙ୍କା କରାଯାଉ ଏବଂ ଚାଷୀଙ୍କୁ ଅନ୍ୟ ରାଜ୍ୟ ଭଳି ବୋନସ୍ ଦେବାର ବ୍ୟବସ୍ଥା କରାଯାଉ, ସମ୍ବିଧାନର ଧାରା –୨୧ ଲାଗୁ କରାଯାଇ କୃଷକଙ୍କୁ ମାସିକ ୫ ହଜାର ଟଙ୍କା ସମାଜିକ ସୁରକ୍ଷା ଭତା ପ୍ରଦାନ କରାଯାଉ, କୃଷି ଋଣ ଛାଡ କରାଯିବା ସହିତ କୃଷକ ଆତ୍ମହତ୍ୟା ବନ୍ଦ କରାଯିବର ଉଦ୍ୟମ କରାଯାଉ, ସମସ୍ତ ଚାଷିଙ୍କ ନିମନ୍ତେ ଜଳ ସଚେତନତାର ବ୍ୟାପକ ବ୍ୟବସ୍ଥା କରାଯାଉ, ପ୍ରତ୍ୟେକ ଏକର ପିଛା ୨୦ କ୍ୱିଂଟାଲ ଧାନ କ୍ରୟ କରାଯିବାର ବ୍ୟବସ୍ଥା ସହିତ ପ୍ରତ୍ୟେକ ମଣ୍ଡି ଦିବସରେ ୪ ହଜାର କ୍ୱିଂଟାଲ କ୍ରୟ କରିବାର ବ୍ୟବସ୍ଥା କରାଯାଉ, ଏଫଏକ୍ୟୁ ନାମରେ ଚାଷୀଙ୍କ ୧ କ୍ୱିଂଟାଲ ପିଛା ୧ ଶହ ଟଙ୍କା ଆଦାୟ କରାଯାଉଥିବା ପି.ସି. ବନ୍ଦ କରାଯାଉ ଆଦି ଦାବି ରହିଛି ।

## ନିଆଳି ବ୍ଲକରେ ସାମାଜିକ ସମୀକ୍ଷା ବୈଠକ

**ନିଆଳି ,୧୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ବ୍ଲକ ସଭାଗୃହରେ ୨୦୧୭–୧୮ର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା କଳ୍ପନା ପାଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଡିଓ ସୟେଦ୍ ଆରିଫ୍ ହୁସେନ୍, ଜିଲ୍ଲାପରିଷଦସଭ୍ୟ ଅତୁଲ୍ୟ ଜେନା, କାର୍ଯ୍ୟନିର୍ବାହୀଯନ୍ତ୍ରୀ ପ୍ରମୋଦ କୁମାର ନାୟକ,ଏପିଓ ସମୀୟ ରଂଜନ ରାଉତରାୟ, ଜିପିଓ ସୁଦର୍ଶନ ବେହେରା, ପିଏ ବିଶ୍ୱନାଥ ସାହୁ, ବିଏସ୍ଏ ସତ୍ୟବ୍ରତ ସାମଲ ପ୍ରମୁଖଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ,ନୋମିନ୍ ଓ ବ୍ଲକ କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ବୈଠକରେ ୨୦୧୭–୧୮ ମସିହାରେ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମ୍ବନ୍ଧରେ ବିଶେଷ ଭାବରେ ସମୀକ୍ଷା କରାଯାଇଥିଲା।

## ହାତୀ ତାଣ୍ଡବ : ଧାନ ଖାଇ ନଳକୂପ ଭାଙ୍ଗିଲା

**ହରିଚନ୍ଦନପୁର,୧୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଦୈତାରୀ ରେଞ୍ଜ ରେବଣାପଳାଶପାଳ ବନପାଳଙ୍କ ଅଧିନସ୍ଥ ସୁନାପେଣ୍ଠ ଗ୍ରାମପଂଚାୟତର ଛୋଟୁଙ୍ଗ ଗ୍ରାମରେ ଏକ ମାଈ ହାତୀ ତାଣ୍ଡବ ରଚିଛି । ଯାହାକୁ ନେଇ ସାଧାରଣରେ ଭୟ ଓ ଆତଙ୍କର ବାତାବାରଣ ଖେଳିଯାଇଛି । ଏଭଳି ସ୍ଥିତିରେ ବନବିଭାଗର କର୍ମଚାରୀଙ୍କ ଦେଖା ମିଳୁନଥିବାର ଅଭିଯୋଗ ହୋଇଛି । ଖବର ମୁତାବକ, ରବିବାର ରାତି ପ୍ରାୟ ୧୦ଟା ସମୟରେ ନିକଟସ୍ଥ ଜଙ୍ଗଲରୁ ଏକ ମାଈ ହାତୀ ଧାନ ଫସଲ ଖାଇବା ପାଇଁ ଗ୍ରାମ ମଧ୍ୟକୁ ପଶି ଆସିଥିଲା । ହାତୀକୁ ଦେଖି ଗ୍ରାମର ଲୋକମାନେ ସଙ୍ଗେ ସଙ୍ଗେ ସ୍ଥାନୀୟ ବନପାଳଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ବନପାଳଙ୍କର ଫୋନ ସୁଇଚ୍ ଅଫ ଥିଲା । ତେଣୁ ଲୋକମାନେ ହାତୀକୁ ଦେଖି ଭୟଭିତ ଥିବା ବେଳେ ହାତୀଟି ଗ୍ରାମର ଦୁର୍ଯ୍ୟୋଧନ ଦେହୁରୀ, ପାଗଳ ସାହୁ, ସିନେଇ ସାହୁ, ଚିତ୍ରସେନ ଦେହୁରୀଙ୍କ ସମେତ ଅନେକ ଲୋକଙ୍କର ଧାନ ଫସଲ ଖାଇବା ସହିତ ବ୍ୟାପକ ଫସଲ ଦଳି ଚକଟି ନଷ୍ଟ କରିଥିଲା । ଲୋକମାନେ ଧାନ ଫସଲକୁ ବଂଚାଇବାକୁ ଯାଇ ହାତୀକୁ ଜଙ୍ଗଲ ମଧ୍ୟକୁ ଘଉଡାଇବା ପାଇଁ ଚେଷ୍ଟା କରିଥିଲେ । ହେଲେ ଘଉଡାଇବାରେ ବିଫଳ ହୋଇଥିଲେ, ହାତୀଟି ଧାନ ଫସଲ ଖାଇବା ପରେ ଶମ୍ଭୁନାଥ ସାହୁଙ୍କ ୨ଟି ପଣ୍ଡା ମଇଁଷି ଉପରେ ଆକ୍ରମଣ କରିଥିଲେ । ଫଳରେ ୨ଟି ମଇଁଷି ଗୁରୁତର ହୋଇଛନ୍ତି । ଗୋଟିଏ ପଣ୍ଡାର ଗୋଡ ଭାଙ୍ଗିବା ଭଳି ଘଟଣା ଘଟିଥିବା ବେଳେ ଅନ୍ୟ ପଣ୍ଡାଟିର ଅଂଟା, ଗୋଡ ଭାଙ୍ଗିଥିବାକୁ ନେଇ ସେ ମୃତ୍ୟୁ ସହ ଲଢେଇ କରୁଛି । ପୁଣି ସୋମବାର ରାତିରେ ସେହି ମାଈ ହାତୀଟି ଉକ୍ତ ଗ୍ରାମକୁ ପଶିଆସି ଅନେକ ଲୋକଙ୍କର ଧାନ ଫସଲ ଖାଇ ନଷ୍ଟ କରିବା ସହ ପ୍ରାଥମିକ ବିଦ୍ୟାଳୟର ନଳକୂପଟିକୁ ମୂଳରୁ ଉପାଡି ଭାଙ୍ଗି ଦେଇଛି । ଏହି ଘଟଣା ପରେ ଗ୍ରାମର ଲୋକମାନେ ଭୟଭିତ ଅବସ୍ଥାରେ ଅଛନ୍ତି । ଘଟଣା ବାବଦରେ ଜଣାଇବା ପାଇଁ ଗ୍ରାମର ଶମ୍ଭୁନାଥ ସାହୁଙ୍କ ସହ କେତେକ ଲୋକ ରେବଣାପଳାଶପାଳ ବନବିଭାଗ କାର୍ଯ୍ୟାଳୟକୁ ଯାଇଥିଲେ । ବନପାଳଙ୍କ କାର୍ଯ୍ୟାଳୟରେ ତାଲା ପଡିଥିବାରୁ କାର୍ଯ୍ୟାଳୟ ସମ୍ମୁଖରେ ଘଂଟା ଘଂଟା ଧରି ଅପେକ୍ଷା କରି ବସିବା ପରେ ନିରାଶ ହୋଇ ଘରକୁ ଫେରିଥିବାର ସୂଚନା ଦେଇଛନ୍ତି । ଚାଷୀମାନେ ହଜାର ହଜାର ଟଙ୍କା ଖର୍ଚ୍ଚ କରିବା ସହ ୬ ମାସ ଅକ୍ଳାନ୍ତ ପରିଶ୍ରମ କରି ଯେଉଁ ଫସଲ ଉତ୍ପାଦନ କରିଥିଲେ ତାହା ନଷ୍ଟ ହୋଇଯାଇଛି । ଅନ୍ୟପଟେ ସେହି ଧାନ ଫସଲକୁ ହାତୀ ଖାଇ ନଷ୍ଟ କରୁଥିବାର ଦୃଶ୍ୟ ବାରମ୍ବାର ଦେଖିବାକୁ ମିଳୁଥିବା ବେଳେ ହାତୀଙ୍କୁ ଘଉଡାଇବାରେ ବନବିଭାଗ ବିଫଳ ହେଉଛି । ଅନେକ ସମୟରେ ଲୋକମାନେ ବନବିଭାଗର କର୍ମଚାରୀ ତଥା ବନପାଳଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କଲେ ସୁଦ୍ଧା ଫୋନ ଲାଗୁନଥିବା ସହ ବନପାଳ ଫୋନ ଅଫ୍ କରୁଛନ୍ତି ଏବଂ ଅଧିକାଂଶ ସମୟରେ କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ବନବିଭାଗ ଉପରେ ଲୋକମାନଙ୍କର ଭରଷା ଦିନକୁ ଦିନ ତୁଟିବାରେ ଲାଗିଛି ।

ସ୍ଥାନୀୟ ଶିକ୍ଷାବିତଙ୍କ କହିବା ଅନୁଶାରେ, ସରକାର ଚାଷୀମାନଙ୍କ ଫସଲକୁ ବନ୍ୟଯନ୍ତୁଙ୍କ ଠାରୁ ରକ୍ଷା କରିବା ପାଇଁ ସବୁବେଳେ ସବୁ ସମୟରେ ଚାଷୀମାନେ ସିଧାସଳଖ ବନବିଭାଗ କାର୍ଯ୍ୟାଳୟକୁ ଦେୟ ମୁକ୍ତ ଫୋନ ଯେପରି କରିପାରିବେ ସରକାରଙ୍କ ପକ୍ଷରୁ ତା'ର ବ୍ୟବସ୍ଥା କରାଯିବା ଦରକାର । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ଉକ୍ତ ଗ୍ରାମରେ ଫସଲ ନଷ୍ଟ ହୋଇଥିବା ଓ ମଇଁଷିଙ୍କ ଚିକିତ୍ସା ପାଇଁ କ୍ଷତିପୂରଣ ଯୋଗାଇ ଦେବାକୁ ଜନସାଧାରଣରେ ଦାବି ହୋଇଛି ।

## ଇଂଲିଶ ମିଡ଼ିୟମ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଯାଜପୁର,୧୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ତିନିଦିନ ଧରି ଚାଲିଥିବା ଯାଜପୁର ସହରର ଆମିଟି ଇଂଲିଶ ମିଡ଼ିୟମ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି । ୭ ତାରିଖରୁ ଆରମ୍ଭହୋଇ ୯ ତାରିଖରେ ଉଦ୍‌ଯାପିତ ହୋଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ଚକ୍ରଧର ନନ୍ଦ ଓ ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବାସିରୁଦ୍ଦିନ୍ ଅହମ୍ମଦ ଏହି କ୍ରୀଡ଼ା ଉତ୍ସବକୁ ଉଦ୍ଘାଟନ କରିଥିବାବେଳେ ଉଦ୍‌ଯାପନ ଦିବସରେ ମୁଖ୍ୟ ଅତିଥିଭାବେ ଯାଜପୁରର ପୂର୍ବତନ ଓଏଏସ୍ ମହେନ୍ଦ୍ର କୁମାର ଧଳ ଓ ଡେପୁଟି କଲେକ୍ଟର ତିଳୋତ୍ତମା ପୃଷ୍ଟି ଓ ବାସିରୁଦ୍ଦିନ୍ ଅହମ୍ମଦ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ତିନିଦିନ ଧରି ଚାଲିଥିବା ଏହି କ୍ରୀଡ଼ା ଉତ୍ସବକୁ କୁଶଧ୍ୱଜ ନନ୍ଦ, ମହେଶ୍ୱର ପାତ୍ର, ରଞ୍ଜିତା ପଣ୍ଡା, ରୋଶନଆରା ଖାତୁନ, ସରସ୍ୱତୀ ନାୟକ, ସାହେଦା ନଗମା ଓ ଅନ୍ୟମାନେ ସୁପରିଚାଳନା କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କ ମଧ୍ୟରୁ ଅଙ୍କିତା ଜେନା ଓ ମହମ୍ମଦ ଫାଇଜିନଙ୍କୁ ଶ୍ରେଷ୍ଠ ପ୍ରତିଯୋଗୀଭାବେ ଘୋଷଣା କରାଯାଇଥିଲା ।

## ମୁଖ୍ୟମନ୍ତ୍ରୀ ଲକ୍ଷ୍ମଣରେଖା ଅତିକ୍ରମ ନକରନ୍ତୁ : ଭାଗବତ ମହାନ୍ତି

**ଭୁବନେଶ୍ୱର,୧୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ସଭାପତି ନୁହନ୍ତି ସେ ଏ ରାଜ୍ୟର ଶାସନ ମୁଖ୍ୟ । ତାଙ୍କର ପିତା ଓ ଏ ରାଜ୍ୟର ଦୁଇ ଦୁଇ ଥର ମୁଖ୍ୟମନ୍ତ୍ରୀ ରହିଥିବା ସ୍ୱର୍ଗତ ବିଜୁ ପଟ୍ଟନାୟକ ଜଣେ ବିତ୍ତଶାଳି ବ୍ୟକ୍ତି ବା କୋଟିପତି ଥିଲେ । ତାଙ୍କର ଜ୍ୟେଷ୍ଠପୁତ୍ର ଓ ଏବଂ ନବୀନବାବୁଙ୍କ ବଡଭାଇ ପ୍ରେମ ପଟ୍ଟନାୟକ ଜଣେ ଶିଳ୍ପପତି ଓ ଧନଶାଳି ବ୍ୟକ୍ତି । ନିଜେ ନବୀନ ପଟ୍ଟନାୟକ ନିର୍ବାଚନକାଳୀନ ଘୋଷଣାନାମାରେ ନିଜର ସମ୍ପତ୍ତି ୧୮ କୋଟି ଟଙ୍କା ରହିଥିବ ବୋଲି ଉଲ୍ଲେଖ କରିଛନ୍ତି । ମାତ୍ର ନିକଟ ଅତୀତରେ ନିଜର ପିତା ବିଜୁ ପଟ୍ଟନାୟକଙ୍କର ଜନ୍ମ ଶତବାର୍ଷିକୀ ପାଳନ ଉପଲକ୍ଷେ ରାଜ୍ୟ ରାଜକୋଷରୁ ୧୦ କୋଟି ଟଙ୍କା ବ୍ୟୟ କରାଯାଇଛି ବୋଲି ସରକାର ବିଧାନସଭାରେ ପ୍ରକାଶ କରିଛନ୍ତି । ବିଜୁବାବୁଙ୍କ ଜନ୍ମ ଶତବାର୍ଷିକୀ ପାଳନ ଉପଲକ୍ଷେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମ କେବଳ ବିଜେଡିର ଏକ ଦଳୀୟ ପରିସର ମଧ୍ୟରେ ସୀମିତ ରହିଥିଲା । ଏଥିରେ ଅନ୍ୟ କୌଣସି ରାଜନୈତିକ ଦଳ ବା ଅନୁଷ୍ଠାନର ସଂପୃକ୍ତ ହେବାର ଅବକାଶ ନଥିଲା । ନବୀନବାବୁ ଓ ତାଙ୍କର ବିତ୍ତଶାଳି ପରିବାର ନିଜ ପିତାଙ୍କ ଶତବାର୍ଷିକୀ ପାଳନ ଖର୍ଚ୍ଚ ନକରି ରାଜକୋଷରୁ ୧୦ କୋଟି ଟଙ୍କା ଖର୍ଚ୍ଚ ଦୁର୍ଭାଗ୍ୟଜନକ ବୋଲି ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନ କଂଗ୍ରେସ ନେତା ଭାଗବତ ପ୍ରସାଦ ମହାନ୍ତି କହିଛନ୍ତି ।

ଏକ ବିବୃତିରେ ଶ୍ରୀ ମହାନ୍ତି କହିଛନ୍ତି ଯେ ଏ ରାଜ୍ୟର ସରକାର ହେଉଛି ଏକ ଗଣତାନ୍ତ୍ରିକ ସରକାର । ବିଧାନସଭା ହେଉଛି ଏହାର ମନ୍ଦିର ଓ ସମ୍ବିଧାନ ହେଉଛି ଏହାର ଧର୍ମ । ସମ୍ବିଧାନ ଅନୁଯାୟୀ ବର୍ଷରେ ୬୦ଦିନ ବିଧାନସଭାର ଅଧିବେଶନ ବସିବା ଅନିବାର୍ଯ୍ୟ । ମାତ୍ର ଏବେ ବିଧାନସଭାର ଶୀତକାଳୀନ ଅଧିବେଶନ ନିର୍ଦ୍ଧାରିତ ଏକମାସ ସଭ୍ୟମାନଙ୍କର ଦରମା ଓ ଭତ୍ତା ବାରମ୍ବାର ବୃଦ୍ଧି ହେବାରେ ଲାଗିଛି । ମାତ୍ର ବିଧାନସଭାରେ ଜନସ୍ୱାର୍ଥ ସମ୍ବଳିତ ଆଲୋଚନାର ସୁଯୋଗ ସୃଷ୍ଟି କରାନଯିବା ଅତ୍ୟନ୍ତ ଦୁଃଖଦାୟକ ।

ତିତ୍‌ଲି ପରି ପ୍ରାକୃତିକ ବିପର୍ଯ୍ୟୟ ପରେ ପ୍ରଭାବିତ ଅଞ୍ଚଳରେ ସାହାଯ୍ୟ ଓ ପୁର୍ନଗଠନ କାର୍ଯ୍ୟକୁ ସରକାର ଉପେକ୍ଷା କରି ଶହ ଶହ କୋଟି ଟଙ୍କା ବ୍ୟୟ କରି ବିଶ୍ୱକପ୍ ଆୟୋଜନ କରିବା ଓ ସିନେତାରକାମାନଙ୍କୁ ଆରି ଭବ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ଏବଂ ଡଟ୍ ଫେଷ୍ଟିଭାଲ କରାଇବା ମଧ ଦୁଃଖଦାୟକ । ଅନ୍ୟପକ୍ଷରେ ବିଜେଡି ବିଧାୟକମାନଙ୍କୁ ବିଭିନ୍ନ ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ଭାବେ ନିଯୁକ୍ତ ଦେଇ ସେମାନଙ୍କୁ ଡବଲ ବେନିଫିଟ୍ ଦେଉଛନ୍ତି । ସେହିପରି କର୍ପୋରେସନରେ କେବଳ ବିଜେଡି ନେତାମାନଙ୍କୁ ଅଧକ୍ଷ ପଦବୀରେ ଥଇଥାନ କରାଯାଉଛି । ପୁନଶ୍ଚ ମୁଖ୍ୟମନ୍ତ୍ରୀଙ୍କର ସ୍ପେଶାଲ ଫଣ୍ଡରୁ କୋଟି କୋଟି ଟଙ୍କା କେବଳ ସରକାରୀ ଦଳର ବିଧାୟକମାନଙ୍କର ସୁପାରିଶରେ ଖର୍ଚ୍ଚ ହେଉଛି । ସେଥିରେ ବିରୋଧୀ ବିଧାୟକମାନେ ଉପେକ୍ଷିତ ହେଉଛନ୍ତି ଶ୍ରୀ ମହାନ୍ତି କହିଛନ୍ତି ।

ତାଙ୍କ ମତରେ ଜଣେ ମୁଖ୍ୟମନ୍ତ୍ରୀଙ୍କର ଭୂମିକା ହେଉଛି 'ଆଇ ଆମ୍ ଫର୍ ଏଭ୍ରିବଡି ଆଣ୍ଡ ଆଇ ଆମ୍ ଫର୍ ନୋବଡି' ମାତ୍ର ଏହି ତତ୍ତ୍ୱରୁ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ବିଚ୍ୟୁତ ହୋଇଛନ୍ତି । ସର୍ବଦା ନିଜ ଦଳ ଓ ସରକାର ତଥାକଥିତ ସଫଳତାକୁ ବଖାଣି ଯେଉଁ ବ୍ୟୟବହୁଳ ବିଜ୍ଞାପନ ସବୁ ଦିଆଯାଇଛି ତାହା ଦ୍ୱାରା ବିକାଶର କେଉଁ ପରିପ୍ରକାଶ ହେଉଛି ଜଣାନାହିଁ । ଦେବସ୍ୱ, ବ୍ରହ୍ମସ୍ୱ, ରାଜସ୍ୱକୁ ଆତ୍ମସାତ୍ କଲେ ମଣିଷ କଲେ ମଣିଷ ନର୍କ ଗତିହୁଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି । ମାତ୍ର ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଆପ୍ତ ବାକ୍ୟକୁ ଅତିକ୍ରମ ନକରି ନିଜ ପିତୃସ୍ମୃତି ଓ ଦଳର ସ୍ମୃତି ଉଦ୍ଦେଶ୍ୟରେ ଜନସାଧାରଣଙ୍କ ଅର୍ଥ ଅର୍ଥାତ୍ ରାଜସ୍ୱକୁ ଆତ୍ମସ୍ୱାର୍ଥରେ ବିନିଯୋଗ କରିବା ନିଶ୍ଚୟ ତାଙ୍କୁ ପାପଗ୍ରସ୍ତ କରିବ ଓ ଦୁର୍ଗତି ଭିତରକୁ ନେଇଯିବ ।

ଉପରୋକ୍ତ ପରିପ୍ରେକ୍ଷୀରେ ଜଣପଡେ ଯେ ଏବର ମୁଖ୍ୟମନ୍ତ୍ରୀ ଲକ୍ଷ୍ମଣରେଖାକୁ ଅତିକ୍ରମ କରୁଛନ୍ତି । ବନବାସ ସମୟରେ ସୁନାହରିଣୀ ମୋହଗ୍ରସ୍ତା ସୀତାଙ୍କ ପାଇଁ ଶ୍ରୀରାମ ମାୟାମୃଗର ଅନୁଧାବନ କରିବାକୁ ଯିବା ପରେ ଶ୍ରୀରାମଙ୍କର କାତର କଣ୍ଠ ନିସୃତ ମାୟାଧ୍ୱନିରେ ବିଚଳିତ ହୋଇଥିଲେ ସ୍ୱୟଂ ଦେବୀ ସୀତା । ସେ ଭାଇଙ୍କୁ ସହାୟତା କରିବାକୁ ଦେବର ଲକ୍ଷ୍ମଣଙ୍କୁ ଯିବା ପାଇଁ ବାଧ କରିବାକୁ ଶରମୁନରେ ତିନୋଟି ଲକ୍ଷ୍ମଣରେଖା ଟାଣି ଦେଇ ତାହାକୁ ଅତିକ୍ରମ ନକରିବାକୁ ପରାମର୍ଶ ଦେଇଥିଲେ । ମାତ୍ର ଦେବୀ ସୀତା ମାୟାବୀ ରାବଣର କଥାରେ ପ୍ରଭାବିତ ହୋଇ ଅତିକ୍ରମ କରିବାରୁ ଅପହୃତ ହୋଇଥିଲେ । ମୁଖ୍ୟମନ୍ତ୍ରୀ ଲକ୍ଷ୍ମଣରେଖାର ଅତିକ୍ରମର ପରବର୍ତ୍ତୀ ବିପତ୍ତି ସଂପର୍କରେ ସଚେତନ ହୁଅନ୍ତୁ ବୋଲି ଶ୍ରୀ ମହାନ୍ତି ସତର୍କ କରାଇ ଦେଇଛନ୍ତି ।

## ୭୦ ଝାଡଖଣ୍ଡୀ ହାତୀପଲ ରାସଗୋବିନ୍ଦପୁର ରେଞ୍ଜକୁ ଗଲେ

**ବେତନଟୀ,୧୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ ରେଞ୍ଜର ବଡାମପୁର ବନପାଳ କ୍ଷେତ୍ରର ଚହଲାପଦା ଜାମଶୂଳୀ ରିଜର୍ଭରେ ରହି ଝାଡଖଣ୍ଡି ହାତୀପଲର ଅନ୍ୟୁନ ୧୧୦ ହାତୀ ଦୀର୍ଘ ୧୪ ଦିନ ଧରି ଉତ୍ପାତ କରୁଥିଲେ । ଏହି ହାତୀପଲ ଜଣେ ଲୋକଙ୍କୁ ମାରି ଦେବା ସହିତ ଅନ୍ୟୁନ ଜଣେ ଲୋକକୁ ଗୁରୁତର ଆହତ, ୧୮ଟି ଘର ଭାଙ୍ଗିବା ସହିତ ୪୦୦ ଏକରରୁ ଊର୍ଦ୍ଧ୍ୱ ଜମିର ଧାନ ଚାଷ ନଷ୍ଟ କରିଛନ୍ତି । ଏହି ହାତୀପଲ ବ୍ୟାପକ କଦଳୀ, ପରିବା ପତ୍ର ବାଗାନ, ନଡିଆ, ତାଳ ଓ ଖଜୁରୀ ଗଛ ସବୁ ନଷ୍ଟଭ୍ରଷ୍ଟ କରି ସାରିଥିଲେ । ଗତକାଲି ରାତ୍ରୀରେ ବନ ବିଭାଗ ଏହି ହାତୀପଲକୁ ତଡିବାକୁ ପ୍ରୟାସ କରିବା ପରେ ଏହି ହାତୀପଲର ଅନ୍ୟୁନ ୭୦ଟି ହାତୀ କୁଶଡିହା ହୋଇ ରାସଗୋବିନ୍ଦପୁର ରେଞ୍ଜର ସାରମୂଳାକୁ ଯାଇ ଥିବାର ଜଣା ପଡିଛି । ତେବେ ଏବେ ମଧ୍ୟ ୩୦ଟି ହାତୀ ଚହଲାପଦା ଜାମଶୂଳୀ ଜଙ୍ଗଲରେ ରହି ଯାଇଛନ୍ତି । ଏହି ହାତୀ ଦଳର ହାତୀଗୁଡିକ ବିଭିନ୍ନ ସ୍ଥାନରେ ବାହାରି ପୁଣି ଧାନ ଚାଷ ନଷ୍ଟ କରୁଥିବାର ଦେଖାଯାଇଛି । ଏହି ହାତୀ ଗୁଡିକୁ ଘଉଡାଇବା ପାଇଁ ବଡାମପୁର ବନପାଳ ଶିରୀଶ ଦଳେଇ ଓ ଅନ୍ୟମାନେ ନିୟୋଜିତ ହୋଇଥିବାର ଜଣାପଡିଛି ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ଆତ୍ମହତ୍ୟା

**ସୋର,୧୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ମ୍ୟୁନିସିପାଲିଟି ଅଧୀନ ଟ୍ରେଜେରୀ କଲୋନୀର ଜଣେ ବାସୀନ୍ଦା ଅବସରପ୍ରାପ୍ତ ଶିକ୍ଷକ ନିଜ ଘରେ ଆଜି ମଧ୍ୟାହ୍ନରେ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ସହର ନିକଟସ୍ଥ ସାଜନପୁର ପଞ୍ଚାୟତ ଅଂକବରହମପୁର ଗ୍ରାମର ପ୍ରଭାକର ବାରିକଙ୍କ ପୁଅ ଅଶ୍ୱିନୀ(୬୧) ସୋର ମ୍ୟୁନିସିପାଲିଟି ଅଧୀନ ଟ୍ରେଜେରୀ କଲୋନୀରେ ଘର କରି ରହୁଥିଲେ। ସ୍ୱର୍ଗତ ବାରିକ ସୋର ନିକଟ ଏକ ହାଇସ୍କୁଲରେ ଶିକ୍ଷକତା କରି ଦୁଇବର୍ଷ କାର୍ଯ୍ୟକାଳ ଥିବା ବେଳେ ବ୍ୟକ୍ତଗତ କାରଣ ଦର୍ଶାଇ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ସୋର ପୁଲିସ ଖବର ପାଇ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ପ୍ରହସନ ଅଭିଯୋଗ

**ନୂଆପଡ଼ା, ୧୨।୧୨ : (ହିସ)**

କେନ୍ଦ୍ର ସରକାର ବେକାର ଯୁବକ ଯୁବତୀ ମାନଙ୍କୁ ରୋଜଗାରକ୍ଷମ କରିବାର ପାଇଁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ୫୦ ହଜାର ଟଙ୍କା ଠାରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି । କିନ୍ତୁ ଏହି ଯୋଜନା ନୂଆପଡା ଜିଲ୍ଲାରେ ପ୍ରହସନ ପାଲଟିଥିବା ଅଭିଯୋଗ ହୋଇଛି । ସରକାର ବ୍ୟାଙ୍କରୁ ଋଣ ନେବା ପାଇଁ ହିତାଧିକାରୀ ମାନଙ୍କୁ ପଞ୍ଜିକୃତ କରି ଛାଡୁଛନ୍ତି । ହେଲେ ବ୍ୟାଙ୍କ କର୍ମଚାରୀ ମାନେ ହିତାଧିକାରୀ ମାନଙ୍କୁ ଅନେକ ଆଳ ଦେଖାଇ ଋଣ ପ୍ରଦାନ କରୁନଥିବା ଅଭିଯୋଗ ହୋଇଛି । ନୂଆପଡା ଜିଲ୍ଲାର ବିଭିନ୍ନ ବ୍ୟାଙ୍କ ସହ ଖଡିଆଳ ଷ୍ଟେଟ୍ ବ୍ୟାଙ୍କ ଶାଖାରେ ହିତାଧିକାରୀ ମାନଙ୍କୁ ବହୁତ ହଇରାଣ କରୁଥିବା ଅଭିଯୋଗ ହୋଇଛି । ବାରମ୍ବାର ଋଣ ନେବା ପାଇଁ ହିତାଧିକାରୀ ମାନେ ବ୍ୟାଙ୍କକୁ ଆସି ନିରାଶରେ ଫେରି ଯାଉଥିବାରୁ ବ୍ୟାଙ୍କର କାର୍ଯ୍ୟ ଶୈଳୀ ପ୍ରତି ହିତାଧିକାରୀ ମାନେ ଘୋର ଉଦବେଗ ପ୍ରକାଶ କରିଛନ୍ତି । ଏ ବିଷୟରେ ଖଡିଆଳ ଷ୍ଟେଟବ୍ୟାଙ୍କ ମ୍ୟାନେଜର କରୁଣାକର କୁମୁରାଙ୍କୁ ଯୋଗାଯୋଗ କରାଯିବାରୁ ୫ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଖଡିଆଳ ଷ୍ଟେଟବ୍ୟାଙ୍କ ପକ୍ଷରୁ ୨୦୦ ଜଣ ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯାଇଛି । କିନ୍ତୁ ବର୍ତମାନ ସୁଦ୍ଧା ଜଣେ ହେଲେ ଋଣ ନେଇଥିବା ହିତାଧିକାରୀ ୧ ଟଙ୍କା ମଧ ପରିଶୋଧ କରିନାହାନ୍ତି । ଏପରି ସ୍ଥଳେ ଆମକୁ ଦେଖି ଚାହିଁ ଋଣ ପ୍ରଦାନ କରିବାକୁ ପଡୁଛି, ନହେଲେ ବ୍ୟାଙ୍କ ଦେବାଳିଆ ହୋଇପଡିବ ବୋଲି ପ୍ରକାଶ କରିଥିଲେ ।


**ପୂର୍ବ ତଟ ରେଳପଥ**

**ଜାନୁୟାରୀ-2019 ପାଇଁ ମୁଖ୍ୟାଳୟ ଏବଂ ମଣ୍ଡଳଗୁଡ଼ିକ ନିମନ୍ତେ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ**

**ଇ-ନିଲାମର ଅନୁସୂଚୀ**

| ମାସ | ମୁଖ୍ୟାଳୟ/ ମଣ୍ଡଳ | ତାରିଖ |
|---|---|---|
| ଜାନୁୟାରୀ -2019 | ଡ଼ିପୋ ମଞ୍ଚେଶ୍ୱର | 09.01.2019 (ବୁଧବାର), 19.01.2019 (ଶନିବାର) & 29.01.2019 (ମଙ୍ଗଳବାର) |
| | ଖୋର୍ଦ୍ଧା ରୋଡ଼ ମଣ୍ଡଳ | 07.01.2019 (ସୋମବାର), 17.01.2019 (ଗୁରୁବାର) & 28.01.2019 (ସୋମବାର) |
| | ୱାଲ୍ଟିୟର ମଣ୍ଡଳ | 10.01.2019 (ଗୁରୁବାର), 22.01.2019 (ମଙ୍ଗଳବାର) & 31.01.2019 (ଗୁରୁବାର) |
| | ସମ୍ବଲପୁର ମଣ୍ଡଳ | 08.01.2019 (ମଙ୍ଗଳବାର), 18.01.2019 (ଶୁକ୍ରବାର) & 30.01.2019 (ବୁଧବାର ) |

ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ ନିଲାମ କାଟ୍‌ଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ନିଲାମ ସଞ୍ଚାଳନ ସମ୍ପର୍କିତ ଅଧିକାରୀ କିମ୍ବା ନିଲାମ ତାରିଖର 07 (ସାତ) ଦିନ ପୂର୍ବରୁ ଆମର ୱେବ୍‌ସାଇଟ୍ : **www.ireps.gov.in** ରେ ଉପଲବ୍ଧ ହେବ।

PR-402/J/18-19

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର